# Akashvani, Sambalpur

## SAMBALPURI NEWS MORNING BULLETIN

## 3 May 2026 - 6.47- 6.52 am.

---

ସୁଭଦ୍ରା           ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନା ନୁ ବାଦ୍ ପଡ଼ିଥିବା ହିତାଧିକାରୀମାନ୍‌କୁ ଆଏବା କାଏଲ୍ ସାହାଜ୍ ଟଙ୍କା ଦିଆଯିବା । ରାଜ୍ୟର୍ ୧ ଲାଖ୍ ୨୩ ହଜାର୍ ୮ ଶହ ୪୯ ଝନ୍ ହିତାଧିକାରୀଙ୍କର୍ ଏକାଉଂଟ୍‌କେ ଟଙ୍କା ଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚ୍‌ନା ଦେଇଛନ୍ । ଗଲା ମାର୍ଚ୍ଚ ୮ ତାରିଖ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ କିସ୍ତି ଦିଆଯାଇଥିଲା । ଇଥିରୁ କେନ୍‌ସି କାରଣ୍‌ନୁ ବାଦ୍ ପଡ଼ିଥିବା ହିତାଧିକାରୀମାନ୍‌କୁ ଇ ସାହାଜ୍ ମିଲ୍‌ବା ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି      ଆଇ.ଆଣ୍ଡ.ପି.ଆର୍

ଭୁବ୍‌ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା କାଏଲ୍ ହେବାର୍‌କେ

ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମେଟ୍ରିକ ପରୀକ୍ଷା                ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଛର୍ ମେଟ୍ରିକ୍ ପରୀକ୍ଷା ଫଲ୍ ଗଲାକାଏଲ୍ ବାହାରିଛେ । କଟକ୍ ନ ଥିବା ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍ କାର୍ଯ୍ୟାଳୟ ନ ଗଲାକାଏଲ୍ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାଫଲ୍ ଘୋଷ୍‌ନା କରିଥିଲେ । ପଶ୍ଚିମ ଓଡ଼ିଶାର୍ ୯ ଟା ଜିଲ୍ଲାର୍ ପାସ୍ ହାର ଇଥର ରାଜ୍ୟର୍ ପାସ୍ ହାରକେ ଟପିଛେ । ସମ୍ବଲପୁର୍, ଝାର୍‌ସୁଗୁଡ଼ା, ନୂଆପଡ଼ା, କଲାହାଣ୍ଡି, ବଲାଙ୍ଗିର୍, ବର୍‌ଗଡ଼୍. ଦେବ୍‌ଗଡ଼୍, ବର୍‌ଗଡ଼୍, ବୌଦ୍ଧ ଆଉ ସୁବର୍ଣ୍ଣପୁର୍ ଜିଲ୍ଲାର୍ ହାରାହାରି ପାସ୍ ହାର ୯୭ ଦଶ୍‌ମିକ୍ ଶୂନ୍/୬ ପ୍ରତିଶତ୍ ରହିଛେ । ପରୀକ୍ଷାଖାତା ଫେର୍‌ଘାଏ ମୂଲ୍ୟାୟନ୍ ଲାଗି ଆଏବା ୧୧ ନୁ ୨୨ ତାରିଖ୍ ଭିତ୍‌ରେ ଆବେଦନ୍ ଲାଗି ସମିଆ ଧାରିଜ୍ କରାଯାଇଛେ ।

ମେଟ୍ରିକ୍ ପରୀକ୍ଷା ଲାଗି ଅନ୍‌ଲାଇନ୍ ଜରିଏ ଆଉ ରାଜ୍ୟ ମୁକ୍ତ ବିଦ୍ୟାଲୟ ଆଉ ମଧ୍ୟମା ପରୀକ୍ଷା ଲାଗି ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍ ଜରିଏ ଆବେଦନ୍ କରିପାର୍‌ବେ । ଜୁଲାଇ ପହେଲାହପ୍ତାଥି ସପ୍ଲିମେଂଟାରୀ ପରୀକ୍ଷା ହେବା । ଇଥିର୍‌ଲାଗି ଇଚ୍ଛୁକ୍ ଛାତ୍ରଛାତ୍ରୀ ଆଏବା ୮ ନୁ ୧୮ ତାରିଖ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ ।

ନିଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଡ଼ିକାଲ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍ ନିଟ୍ ୟୁଜି ପରୀକ୍ଷା ହେବା । ଦୁଇପହରର୍ ୨ ନୁ ୫ ବଜେତକ୍ ପେନ୍ ପେପର୍ ମୋଡ଼୍‌ଥି ଇ ପରୀକ୍ଷା ହେବା । ପରୀକ୍ଷାର୍ଥୀମାନ୍‌କୁ ସଖାଲର୍ ୧୧ ବଜେନୁ ପରୀକ୍ଷା କେନ୍ଦ୍ରକେ ଛଡ଼ାଯିବା । ଦେଶେ ୨୨ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ୫ ଶହ ୫୬ ଟା ସହର୍ ନ ପରୀକ୍ଷା ଦେବେ । ଓଡ଼ିଆ ସହେତେ ୧୩ ଟା ଭାଷାଥି ଇ ସର୍ବଭାରତୀୟ ପରୀକ୍ଷା ହେବାର୍‌କେ ଯାଉଛେ । ଓଡ଼ିଶାର୍ ୨୭ ଟା ସହର୍ ନ ୫୫ ହଜାର୍‌ନୁ ଅଏତ୍‌କା ପରୀକ୍ଷାର୍ଥୀ ରହିଛନ୍ । ପରୀକ୍ଷାର୍ ସୁପରିଚାଳନା ଲାଗି

ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା ଭିଲ୍ କରାଯାଇଛେ ବଲି ନିଟ୍ ତରଫୁ କୁହାଯାଇଛେ ।

ପ୍ରଜ୍ଞା ପ୍ରେରଣା କର୍ମଶାଲା ଆଇ ଆଣ୍ଡ୍ ପି.ଆର୍

ଜାତୀୟ ଶିକ୍ଷାନୀତି -୨୦୨୦ ର କାର୍ଯ୍ୟାନ୍ୱୟନ୍‌କେ ନେଇକରି ଭୁବ୍‌ନେଶ୍ୱର୍ ଠାନେ ୨ ଦିନିଆ ଜାତୀୟ କର୍ମଶାଲା ପ୍ରଜ୍ଞା ପ୍ରେରଣା ଗଲାକାଏଲ୍ ମୁଲ୍ ହେଇଛେ । ପହେଲାଦିନେ ଉଚ୍ଚଶିକ୍ଷାଥି ଗୁଣାତ୍ମକ୍ ଶିକ୍ଷା, ଉଚ୍ଚ ଦର୍‌ଜାର୍ ଗବେଷଣା ଆଉ ଛାତ୍ର କୈନ୍ଦ୍ରିକ୍ କେମ୍ପସ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ସ୍ନାତକ ପାଠ୍ୟକ୍ରମ୍‌ଥି ନୂଆଁ ଶିକ୍ଷାନୀତି ଲାଗୁ କର୍‌ବାର୍, ଦକ୍ଷତା ମୂଲକ୍ ଶିକ୍ଷା, ଇଂଟର୍ନ୍‌ସିପ୍ ଆଉ ଷ୍ଟାର୍ଟଅପ୍‌ର ସୁଯୋଗ୍ ବଢ଼ାବାର୍ ବାବ୍‌ଦେ ଭିଲ୍ ଆଲୋଚନା ହେଇଛେ । କର୍ମଶାଲାଥି ଦେଶର୍ ଶିକ୍ଷାବିତ୍, ଭିନ୍ ଭିନ୍ ବିଦ୍ୟାଲୟର୍ କୁଲପତି ଆଉ ଅଧ୍ୟାପକମାନେ ଯୋଗ୍ ଦେଇଛନ୍ ।

ଓଡ଼ିଶା ପ୍ରଶାସନିକ୍ ସେବା-ସମାବର୍ତ୍ତନ୍ ଉତ୍ସବ/ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ପ୍ରଶାସନିକ୍ ସେବା-୨୦୨୩ ବେଚ୍‌ର ସମାବର୍ତ୍ତନ୍ ଉତ୍ସବ୍ ଗଲାକାଏଲ୍ ଭୁବନେଶ୍ୱର୍‌ର ଗୋଠପାଟଣା ନ ଥିବା ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ  ନ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନୂଆଁ ଓଡ଼ିଶା ଗଠନ୍ ଲାଗି ଅଧିକାରୀମାନ୍‌କୁ ଆହ୍ୱାନ୍ ଦେଇଥିଲେ । ଇ ଅବ୍‌ସରେ ୩୦ ଝନ୍ ଓଡ଼ିଶା ପ୍ରଶାସନିକ୍ ଅଧିକାରୀ ଆଉ ୭୪ ଝନ୍ ରାଜସ୍ୱ ସେବା ଅଧିକାରୀ ଯୋଗ୍ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଅଧିକାରୀମାନ୍‌କୁ ଅଖଣ୍ଡତା, କାର୍ଯ୍ୟଦକ୍ଷତା, ସମ୍ବେଦନଶୀଳତା କେ ଆଧାର୍ କରିକରି ଜନସେବା କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ଅମୃତ୍ ଯୋଜ୍‌ନା          ଆଇ.ଆଣ୍ଡ୍.ପି.ଆର୍

ଅମୃତ୍ ଯୋଜ୍‌ନାର୍ ୨ ନମ୍ବର୍ ଖେପ୍ କାର୍ଯ୍ୟାନ୍ୱୟନ୍‌ଥି ଓଡ଼ିଶା ଦେଶର୍ ଶ୍ରେଷ୍ଠ ପ୍ରଦର୍ଶନ୍‌କାରୀ ରାଜ୍ୟ ମାନ୍‌କର୍ ଭିତ୍‌ରେ ଠାନ୍ ପାଇଛେ । ରାଜ୍ୟର୍ ୮୯ ଟା ସହରେ ୪ ହଜାର୍ ୩୦ କୋଟି ଟଙ୍କା ଖର୍ଚ୍ଚାଥି ୩ ଶହ ୪୫ ଟା ପ୍ରକଳ୍ପ ମୁଲ୍ ହେଇଥିବାର୍ ବେଲେ ଶହେ ୭

ଟା ପ୍ରକଳ୍ପ ଶେଷ୍ ହେଇଛେ । ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ଇ ସଫଲତା ସର୍କାର୍ଙ୍କର୍ ଦୃଢ଼ ନେତୃତ୍ୱ ଆଉ କାର୍ଯ୍ୟାନ୍ୱୟନ୍‌ର ପରିଣାମ୍ । ସହର୍ ଇଲାକା ନ ସଫା ପିଇବାର୍ ପାଏନ୍ ୟୁଗାବାର୍‌ଥି ଆଗ୍‌କେ ବଢ଼୍‌ବାର୍‌କେ ସର୍କାର୍ ପ୍ରତିବଦ୍ଧ ଆନ୍ ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ରାଜପଥ, ରେଲ୍ ଓଭର୍‌ବ୍ରିଜ୍ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଏଜେ ଜାତୀୟ ରାଜ୍‌ପଥ୍ ଆଉ ରେଲ୍ ଓଭର୍‌ବ୍ରିଜ୍ ପ୍ରକଳ୍ପ ମାନ୍‌କର୍ ଅଗ୍ରଗତିକେ ନେଇକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ନିର୍ମାଣ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ପ୍ରକଳ୍ପ ମାନ୍‌କୁ ତୁର୍‌ତି ଶେଷ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । କେପିଟାଲ୍ ରିଜିଅନ୍ ରିଂରୋଡ଼୍ ସମ୍ବଲ୍‌ପୁର୍ ବାଇପାସ୍ ସହେତେ ଭିନ୍ ଭିନ୍ ରାସ୍ତା ଆଉ ସେତୁ ପ୍ରକଳ୍ପର୍ ସମୀକ୍ଷା କରାଯାଇଥିଲା ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଶାନ୍ତିଥି ଭବିଷ୍ୟତ୍ ଗଠନ୍: ମାନବାଧିକାର୍, ବିକାଶ୍ ଆଉ ସୁରକ୍ଷା ଲାଗି ପ୍ରେସ୍ ସ୍ୱାଧୀନତାକେ ତହଁକାବାର୍' ବାର୍ତା ନେଇକରି ଆଏଜ୍ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ । ଗଣତନ୍ତ୍ର ରାଷ୍ଟ୍ର ନ ଖବର୍‌କାଗଜ୍‌ର ସ୍ୱାଧୀନତାକେ ବଜାୟ ରଖ୍‌ବାର୍ ଲାଗି ମିଲିତ୍ ଜାତିସଂଘର୍ ୟୁନେସ୍କୋ ସଂସ୍ଥା ତର୍‌ଫୁ ୧୯୯୩ ମସିହାନୁ ଫି ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ନିର୍ଭୀକ ସାମ୍ବାଦିକତା ଲାଗି କଲମ୍ବିଆ ଦେଶର୍ ସାମ୍ବାଦିକ ଗିଲିଏର୍‌ମୋ ଙ୍କୁ ତାଁକର୍ ଖବର୍‌କାଗଜ୍ କାର୍ଯ୍ୟାଳୟ ନ ଅସାମାଜିକ ଲୋକ୍ ମାନେ ମାରିଦେଇଥିଲେ । ତାଁକୁ ମନେ ପକେଇକରି ୟୁନେସ୍କୋ ତର୍‌ଫୁ ପ୍ରେସ୍ ସ୍ୱାଧୀନତା ଲାଗି ଭଲ୍ କାମ୍ କରିଥିବା ଲୋକ୍ ଆର୍ ସଂସ୍ଥାକେ - ଗିଲିଏର୍‌ମୋ ପୁରସ୍କାର୍ ଦିଆଯାଉଛେ ।

ରେଲ୍ ପ୍ରବନ୍ଧକ୍ -ନିରୀକ୍ଷଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ମଣ୍ଡଲ୍ ରେଲ୍ ପ୍ରବନ୍ଧକ୍ ସୁବାସ ଚନ୍ଦ୍ର ଚୌଧୁରୀ ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍‌ର ସମ୍ବଲ୍‌ପୁର୍ ଝାର୍‌ସୁଗୁଡ଼ା ରୋଡ୍ ସେକ୍ସନ୍ ନିରୀକ୍ଷଣ୍ କରିଛନ୍ । ଇ ସମିଆଥି ଶ୍ରୀ ଚୌଧୁରୀ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ଚାଲିଥିବା ପ୍ରକଳ୍ପ ମାନ୍‌କର୍ ଉପ୍‌ରେ ଜୋର୍ ଦେଇଥିଲେ । ଇ ଅବ୍‌ସରେ ସେ ଝାର୍‌ସୁଗୁଡ଼ା ରୋଡ୍, ବୃନ୍ଦାମାଲ୍, ଲପଙ୍ଗା ଆଉ ସର୍‌ଲା ଷ୍ଟେସନ୍ ପରିଦର୍ଶନ୍ କରିଥିଲେ । ଚାଲୁଥିବା କାମ୍ ମାନ୍‌କୁ ସମିଆ ଭିତ୍‌ରେ ସାର୍‌ବାର୍ ଆବଶ୍ୟକତା ଉପ୍‌ରେ ଶ୍ରୀ ଚୌଧୁରୀ ଜୋର୍ ଦେଇଥିଲେ ।